# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 February - 2025

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ଆୟକର ଜମା କରୁଥିଲେ ହିତାଧିକାରୀଙ୍କ ରାସନକାର୍ଡ କଟିବ ନାହିଁ ବୋଲି କହିଲେ, ଖାଦ୍ୟ ଯୋଗାଣ ମନ୍ତ୍ରୀ

— ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଧାନ କିଣା ପାଇଁ ଶେଷ ତାରିଖ ଧାର୍ଯ୍ୟ

- ପୁରୀ ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ
- ଆସନ୍ତାକାଲି ମହାଶିବରାତ୍ରୀ ଉପଲକ୍ଷେ ଶୈବପୀଠଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ

ଏବଂ

- ଏଫ୍.ଆଇ.ଏଚ୍. ହକି ପ୍ରୋ-ଲିଗ୍‌ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଖେଳାଯିବ ୩ଟି ମ୍ୟାଚ୍

## ରାସନକାର୍ଡ

ରାଜ୍ୟରେ ଥିବା ରାସନକାର୍ଡ ହିତାଧିକାରୀମାନେ ଆୟକର ଜମା କରିଥିଲେ ରାସନକାର୍ଡ କଟିବ ନାହିଁ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି, ହିତାଧିକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଯାଞ୍ଚ କରାଯିବା ସହ ଅଧିକାରୀମାନେ ଘରକୁ ଘର ବୁଲି ସର୍ଭେ କରିବେ ।

**- V/O -**

ସୂଚନା ଅନୁସାରେ, ରାସନକାର୍ଡ ହିତାଧିକାରୀମାନଙ୍କ ପାଇଁ ଇ-କେଓ୍ୱାଇସି ଅପଡେଟ୍ କରିବାର ଅବଧିକୁ ରାଜ୍ୟ ସରକାର ଆସନ୍ତାମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

## ଧାନ କିଣାର ଡେଡଲାଇନ

ରାଜ୍ୟରେ ଚାଷୀମାନଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ କିଣା ପାଇଁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରୁ ୬୫ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରଯାଇସାରିଛି । ସରକାରଙ୍କ ଦ୍ୱାରା ଲକ୍ଷ୍ୟ ଧାର୍ଯ୍ୟର ୯୦ ପ୍ରତିଶତ ଧାନ ସଂଗ୍ରହ ହୋଇସାରିଥିବା ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

## ଆରବିଆଇ

ଦେଶର ଘରୋଇ କ୍ଷେତ୍ରର କମ୍ପାନୀ ଗୁଡ଼ିକ ୨୦୨୩-୨୪ ଆର୍ଥିକ ବର୍ଷରେ ଅଧିକ ଲାଭ କରିବା ସହିତ ଋଣ ପରିମାଣ ହ୍ରାସ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର୍‌ବିଆଇର ସୂଚନା ଅନୁଯାୟୀ, କମ୍ପାନୀ ଗୁଡ଼ିକର ଲାଭ ୪ ଦଶମିକ ୨ ପ୍ରତିଶତରୁ ୧୫  ଦଶମିକ ୩ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିଭଳି ଉତ୍ପାଦନ କ୍ଷେତ୍ରରେ କମ୍ପାନୀଗୁଡ଼ିକର ଲାଭ ୧୩ ଦଶମିକ ୨ ପ୍ରତିଶତ ବୃଦ୍ଧି ପାଇଛି। ଆର୍‌ବିଆଇ ସୂଚନା ଅନୁଯାୟୀ,ରସାୟନ, ଔଷଧ, ବିଦ୍ୟୁତ୍ ଯନ୍ତ୍ରପାତି ଓ ଯାନବାହାନ କମ୍ପାନୀଗୁଡ଼ିକର ସ୍ଥାୟୀ ସମ୍ପତ୍ତିରେ ୧୦ ପ୍ରତିଶତ ବୃଦ୍ଧି ପାଇଛି । ପୁଞ୍ଜି ବଜାରରେ ପଞ୍ଜୀକୃତ ହୋଇ ନଥିବା ବେସରକାରୀ କମ୍ପାନୀଗୁଡ଼ିକର ମଧ୍ୟ ଲାଭ ହୋଇଥିବା ଆର୍‌ବିଆଇ ରିପୋର୍ଟରେ ଦର୍ଶାଯାଇଛି।

## ସନ୍ତରଣାଗାର ପରିଦର୍ଶନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରସ୍ଥିତ ଡା. ଝାସକେତନ ସାହୁ ସନ୍ତରଣାଗାର ପରିଦର୍ଶନ କରି ଏହାର ଉନ୍ନତୀକରଣ ନିମନ୍ତେ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ସନ୍ତରଣାଗାରର ଆଧୁନିକୀକରଣ ଓ ପୁର୍ନବିକାଶ କରାଯାଇପାରିଲେ ଏଠାରେ ଜାତୀୟ ସ୍ତରର ସନ୍ତରଣ ପ୍ରତିଯୋଗିତା ହେବା ସହ ପିଲାମାନେ ଉନ୍ନତ ପ୍ରଶିକ୍ଷଣ ନେଇପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ତୃଣମୂଳ ସ୍ତରରେ ଆର୍ଥିକ ବିକାଶ

ଜନସାଧାରଣଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ତୃଣମୂଳ ସ୍ତରରେ ସମବାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ

ଜେନା କହିଛନ୍ତି । ଗଞ୍ଜାମ ଜିଲ୍ଲା ଗୋପାଳପୁରସ୍ଥିତ ସମବାୟ ପରିଚାଳନା ପ୍ରତିଷ୍ଠାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଶ୍ରୀ ଜେନା ଯୋଗଦେଇ ସମବାୟ ଜରିଆରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକର ସଭ୍ୟମାନେ ଉପକୃତ ହୋଇପାରିବେ ବୋଲି କହିଛନ୍ତି । କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ମାଣ୍ଡିଆ ଚାଷର ଆମଦାନୀ ଓ ରପ୍ତାନୀ ଉପରେ ଜନସାଧାରଣ କିପରି ଲାଭାନ୍ୱିତ ହେବେ ସେ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

**ପୁରୀ** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରଥଯାତ୍ରାକୁ ସୁବ୍ୟସ୍ଥିତ ଏବଂ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ଆଲୋଚନା ହୋଇଛି । ବୈଠକରେ ଗୃହବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁଲିସ୍ ଡିଜି, ଜିଲ୍ଲାପାଳ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି ।

ସୂଚନାଯୋଗ୍ୟ, ଆସନ୍ତା ଜୁନ୍ ମାସ ୨୭ ତାରିଖରେ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବ ।

## ମୃଦୁ ଭୂମିକମ୍ପ

ରାଜ୍ୟର କେତେକ ସ୍ଥାନରେ ଆଜି ସକାଳେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱର ସମେତ ବାଲେଶ୍ୱର, ବାରିପଦା ଓ ପାରାଦ୍ୱୀପରେ ସାମାନ୍ୟ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି। ଭୂମିକମ୍ପର ତୀବ୍ରତା ରିକ୍ଟର ସେଲ୍‌ରେ ୫ ଦଶମିକ ୧ ରେକର୍ଡ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ପୂର୍ବରେ ପୁରୀରୁ ୨୮୬ କିଲୋମିଟର, ଭୁବନେଶ୍ୱରରୁ ୨୯୭ କିଲୋମିଟର ଏବଂ ଦକ୍ଷିଣରେ କୋଲକାତାଠାରୁ ୩୩୭ କିଲୋମିଟର ଦୂରରେ ରହିଥିଲା। ଭୂକମ୍ପ ଦ୍ୱାରା କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ।

## ଓ୍ୱେଭ୍‌ସ୍ (WAVES)

ମନୋରଞ୍ଜନ ଓ ଗଣମାଧ୍ୟମ କ୍ଷେତ୍ରରେ ଭାରତ ବିଶ୍ୱରେ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି। ବର୍ତ୍ତମାନ ଦେଶ ବିଶ୍ୱ Audio visual ଏବଂ ମନୋରଞ୍ଜନ ସମ୍ମିଳନୀ (WAVES) ମାଧ୍ୟମରେ ଏହି କ୍ଷେତ୍ରରେ ନେତୃତ୍ୱ ନେବାକୁ ପ୍ରସ୍ତୁତ କରୁଛି। WAVESର ଉଦ୍ଦେଶ୍ୟ ହେଉଛି ଦେଶରେ - ମିଡିଆ ଏବଂ ମନୋରଞ୍ଜନର ଉତ୍କର୍ଷକେନ୍ଦ୍ର ପ୍ରତିଷ୍ଠା କରିବା ତଥା Create in India କୁ ପ୍ରୋତ୍ସାହିତ କରିବା। ସମ୍ମିଳନୀରେ ସିନେମା, ଟେଲିଭିଜନ, ଓଟିଟି, ଗେମିଂ, ସଙ୍ଗୀତ, ଆନିମେସନ, କୃତ୍ରିମ ବୁଦ୍ଧିମତା ଆଦି ବିଷୟରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ଆସନ୍ତା ୧ ମଇରୁ ୪ ମଇ ପର୍ଯ୍ୟନ୍ତ ମୁମ୍ବାଇରେ ଏହି ସମ୍ମିଳନୀର ଆୟୋଜନ ହେବ। ଦେଶର ସାଂସ୍କୃତିକ ଉତ୍ସବ ଓ ସୃଜନଶୀଳତାର ମହୋତ୍ସବ WAVES ସମ୍ପର୍କରେ ସିନେ ସମୀକ୍ଷକ ତଥା ଲେଖକ **ସୂର୍ଯ୍ୟ ଦେଓ** ଆକାଶବାଣୀକୁ କୁହନ୍ତି....

## - V/O –ଶିବରାତ୍ରୀ

ରାଜ୍ୟର ବିଭିନ୍ନ ଶୈବପୀଠଗୁଡ଼ିକରେ ଆସନ୍ତାକାଲି ମହାଶିବରାତ୍ରୀ ବା ଜାଗର ଯାତ୍ରା ଉପଲକ୍ଷେ ମନ୍ଦିରଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି ଏବଂ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି। କଟକର ବାବା ଧବଳେଶ୍ୱର, ପୁରୀର ଶ୍ରୀଲୋକନାଥ, ନୟାଗଡ଼ର ଲଡୁବାବା, ଢେଙ୍କାନାଳ ଜିଲ୍ଲା କପିଳାସ ପୀଠର ଶ୍ରୀଚନ୍ଦ୍ରଶେଖର, ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଗ୍ରହଣ କରାଯାଇଛି। ଆସନ୍ତାକାଲି ଲିଙ୍ଗରାଜ ମନ୍ଦିରରେ ରାତି ୧୦ବେଳେ ମହାଦୀପ ଉଠିବ ବୋଲି ମନ୍ଦିର ନିଯୋଗ ପକ୍ଷରୁ କୁହାଯାଇଛି। ରାତି ୩ଟା ୩୦ ମିନିଟ୍‌ରୁ ହରିହର ଭେଟ ନୀତିକାନ୍ତି ଅନୁଷ୍ଠିତ ହେବ। ସେହିପରି ଭୋର ୪ଟା ୩୦ ମିନିଟ୍‌ରୁ ୫ଟା ୧୫ ମିନିଟ୍ ମଧ୍ୟରେ ବଡ଼ସିଂହାର ଓ ପହୁଡ ନୀତି ହେବା ଲାଗି ନିର୍ଦ୍ଧାରଣ କରାଯାଇଛି।  ସୁରକ୍ଷା ଦୃଷ୍ଟିକୋଣରୁ ସିସିଟିଭି ବ୍ୟବସ୍ଥା କରାଯାଇଛି।

**ଭଦ୍ରକ** ଜିଲ୍ଲାର ଆରଡିସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୀଠକୁ ସଂଯୋଗ କରୁଥିବା ୩ଟି ନଦୀଘାଟରେ କଡା ସୁରକ୍ଷା ସହ ଓଡ୍ରାଫ୍, ଅଗ୍ନିଶମବାହିନୀକୁ ମୁତୟନ କରାଯାଇଥିବା ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସୂଚନା ଦେଇଛନ୍ତି।  ବାବା ଆଖଣ୍ଡଳମଣିଙ୍କ ପୀଠରେ ଆସନ୍ତାକାଲି ଭୋର୍

୪ଟା ୩୦ ମିନିଟ୍ ସମୟରେ ମହାଦୀପ ଉଠିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

**ପୁରୀ**ର ଶ୍ରୀଲୋକନାଥଙ୍କଠାରେ ମହାଦୀପ ରାତି ୩ଟା ପରେ ଉଠିବ ବୋଲି ସୂଚନା ମିଳିଛି । ବାବା ଧବଳେଶ୍ୱରଙ୍କଠାରେ ରାତି ଗୋଟାଏରେ ମହାଦୀପ ଉଠିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ମହାକୁମ୍ଭ-ମହାଶିବରାତ୍ରି

ପ୍ରୟାଗରାଜର ଐତିହାସିକ ମହାକୁମ୍ଭ ଆସନ୍ତାକାଲି ମହାଶିବରାତ୍ରି ଅବସରରେ ଆନୁଷ୍ଠାନିକ ଭାବେ ଶେଷ ହେବ । ଏହାକୁ ଦିବ୍ୟ ଓ ଆକର୍ଷଣୀୟ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପ୍ରୟାଗରାଜ ଜିଲ୍ଲା ମାଜିଷ୍ଟ୍ରେଟ୍ ରବୀନ୍ଦ୍ର କୁମାର ମାଦଣ୍ଡ କହିଛନ୍ତି, ମହାକୁମ୍ଭକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧାକୁ ପ୍ରାଥମିକତା ଦିଆଯାଉଛି ଏବଂ ସ୍ନାନ ଘାଟ ଓ ମନ୍ଦିର ପରିସରରେ ନିୟମିତ ଭାବେ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଇଛି । ମହାଶିବରାତ୍ରି ଦୃଷ୍ଟିରୁ ଆସନ୍ତାକାଲି ଅକ୍ଷୟବଟ ଏବଂ ସରସ୍ୱତୀ କୂପ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ବିକଶିତ ଗାଁ ବିକଶିତ ଓଡ଼ିଶା

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ବ୍ଲକ୍ ପଞ୍ଚାୟତସମିତି କାର୍ଯ୍ୟାଳୟଠାରେ 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବୈଠକରେ

ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜୀବ ମଲ୍ଲିକ୍ ପ୍ରମୁଖ ଯୋଗଦେଇ 'ବିକଶିତ ଗାଁ-ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମରେ ୫ ବର୍ଷରେ ୫ ହଜାର କୋଟି ଟଙ୍କା ବିନିଯୋଗ କରାଯିବ ବୋଲି କହିଛନ୍ତି। ପର୍ଯ୍ୟଟନର ବିକାଶ, ଶିକ୍ଷା, କ୍ରୀଡା, ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ଆଦି ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଆକାଂକ୍ଷୀ ବ୍ଲକ୍ ସମୀକ୍ଷା

**ନୟାଗଡ଼**ଠାରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆକାଂକ୍ଷିତ ବ୍ଲକ୍ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ଆକାଂକ୍ଷିତ ବ୍ଲକ୍ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ୩୯ଟି ସୂଚକାଙ୍କ ଉପରେ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।

## ସ୍ୱଚ୍ଛତା କାର୍ଯ୍ୟକ୍ରମ

**ନୟାଗଡ଼** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ସଚେତନତା କର୍ମୀମାନେ ନୟାଗଡ଼ ଖେଳପଡିଆକୁ ପରିଷ୍କାର କରିଥିଲେ।

# ଏଫ୍‌ଆଇଏଚ୍ ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ପ୍ରତିଯୋଗିତାରେ ଆଜି ପୁରୁଷ ବର୍ଗରେ ୨ଟି ମ୍ୟାଚ୍

ଖେଳାଯିବ। ପ୍ରଥମ ମ୍ୟାଚ୍‌ଟି ଆୟାରଲାଣ୍ଡ ଓ ଜର୍ମାନୀ ଓ ଦ୍ୱିତୀୟଟି ଭାରତ ଏବଂ ଇଂଲଣ୍ଡ  ମଧ୍ୟରେ ଅନୁଷ୍ଠିତ ହେବ।

ଅନ୍ୟପକ୍ଷରେ ମହିଳା ବର୍ଗରେ ଅପରାହ୍ଣ ୫ଟା ୧୫ ମିନିଟ୍‌ରେ ଭାରତ ଏବଂ ନେଦରଲାଣ୍ଡସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଗତକାଲିର ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ୍‌ସ ଭାରତକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି ।